# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 17 March - 2026

******************************************

## ମୁଖ୍ୟ ସମ୍ବାଦ

- ସୁସ୍ଥ ଏବଂ ସଶକ୍ତ ରାଷ୍ଟ୍ର ଗଠନ ଦିଗରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି କହିଲେ ରାଷ୍ଟ୍ରପତି
- ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଇସ୍ପାତ ଓ ଖଣି ଏବଂ ପରିବହନ ବିଭାଗର ଖର୍ଚ୍ଚଦାବି ପାରିତ
- ଭୁବନେଶ୍ୱରରେ ଆୟୋଜିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଲେ ପ୍ରତିରକ୍ଷା ମନ୍ତ୍ରୀ
- ମୟୂରଭଞ୍ଜ ଜିଲ୍ଲାରେ ଘୂର୍ଣ୍ଣିବାତ୍ୟାରେ ପ୍ରଭାବିତ ଅଞ୍ଚଳର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଏବଂ

- ରାଜ୍ୟରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହିତ ବର୍ଷା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା

## ରାଷ୍ଟ୍ରପତି

'ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ' ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଦେଶର ମାନବ ପୁଞ୍ଜିରେ ଏକ ନିବେଶ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତର ଅଭିବୃଦ୍ଧି ଯାତ୍ରାକୁ ବର୍ତ୍ତମାନ ପିଢ଼ିର ଯୁବଗୋଷ୍ଠୀ ଆଗେଇ ନେବେ। ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଦେଶର ଜନସଂଖ୍ୟାଗତ ଲାଭାଂଶର ମୂଳଦୁଆ ଭାବେ ବର୍ଣ୍ଣନା କରିଛନ୍ତି। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପିଲାମାନଙ୍କ ସ୍କୁଲରେ ନାମଲେଖା, ଉପସ୍ଥାନ ବୃଦ୍ଧି ପାଇଛି। ସେମାନଙ୍କ ଶିକ୍ଷିବା କ୍ଷମତା ଏବଂ ଶୈକ୍ଷିକ ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ଆସିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଶିକ୍ଷା ବ୍ୟକ୍ତିର ଜୀବନରେ ସୁଯୋଗ ସୃଷ୍ଟି କରିବା ସହିତ ସଫଳତାର ପଥ ପ୍ରଶସ୍ତ କରିଥାଏ। ସଶକ୍ତୀକରଣ ଏବଂ କ୍ଷମତା ନିର୍ମାଣ ପ୍ରକ୍ରିୟା ସ୍କୁଲରୁ ଆରମ୍ଭ ହୋଇଥାଏ। ଏକ ସୁସ୍ଥ ଏବଂ ସଶକ୍ତ ରାଷ୍ଟ୍ର ଗଠନ ଦିଗରେ ପିଏମ୍ ପୋଷଣ ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ରାଷ୍ଟ୍ରପତି ଅଭିହିତ କରିଛନ୍ତି।

**- V/O –**

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା

ପାତ୍ରୀଙ୍କ ଅନୁମତି କ୍ରମେ ଇସ୍ପାତ ଓ ଖଣି ଏବଂ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩୬୫ କୋଟି ୧୧ ଲକ୍ଷ ୪୪ ହଜାର ଟଙ୍କା ଏବଂ ୪ ହଜାର ୭୯ କୋଟି ୮୧ ଲକ୍ଷ ୩୦ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ଆଗତ କରିଥିଲେ। ପ୍ରଥମାର୍ଦ୍ଧ ଭଳି କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ପ୍ରସଙ୍ଗକୁ କେନ୍ଦ୍ରକରି ବିରୋଧୀ ଦଳର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ବାରମ୍ବାର ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବା ଏବଂ ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରେ ମନ୍ତ୍ରୀ ଶ୍ରୀ ଜେନା ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି କହିଥିଲେ, ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଜନଜାତିଙ୍କର ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଲୁହାପଥର ଓ କୋଇଲା ଗଚ୍ଛିତ ହିସାବ ଅନୁସାରେ, ଓଡ଼ିଶା ଦେଶର ପ୍ରଥମ ଓ ଦ୍ୱିତୀୟ ରାଜ୍ୟ ତାଲିକାରେ ରହିଛି। ଓଡ଼ିଶା ଖଣିଜ ସମ୍ପଦର ରାଜଧାନୀ ଭାବେ ଉଭା ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି। ଓଡ଼ିଶା ଖଣି ନିଗମ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସହାୟକ ହୋଇଆସିଛି। ଚଳିତବର୍ଷ ନିଗମ ୫୦ ଲକ୍ଷ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ରଖିଛି। ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ସହିତ ପାଞ୍ଚୋଟି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଖଣି ଅଞ୍ଚଳରେ ହସ୍ପିଟାଲ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ରହିଛି। ପରିବହନ ବିଭାଗ ରାଜ୍ୟବାସୀଙ୍କ ସେବାରେ ସମର୍ପିତ ହୋଇଥିବା ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ, ଗ୍ରୀନ୍

ଓଡ଼ିଶା ଯୋଜନାରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଦୁର୍ଘଟଣା ହ୍ରାସ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚଦାବି ବାଚନିକ ଭୋଟରେ ଗୃହର ଅନୁମୋଦନ ଲାଭ କରିଥିଲା । ଏହାପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ଆସନ୍ତାକାଲି ପୂର୍ବାହ୍ଣ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

## ପ୍ରତିରକ୍ଷା ମନ୍ତ୍ରୀ

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଓୟୁଏଟିଠାରେ ଆୟୋଜିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ସିଂ କହିଛନ୍ତି, ରାଜନୀତିରେ ବିଶ୍ୱସନୀୟତା ବୃଦ୍ଧି ପାଇଁ ଉଦ୍ୟମ କରିଥିବା ରାଜନେତାଙ୍କ ମଧ୍ୟରେ ଡାକ୍ତର ପ୍ରଧାନ ଅନ୍ୟତମ ଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସମ୍ବୋଧନରେ କହିଥିଲେ, ସ୍ୱର୍ଗତ ପ୍ରଧାନଙ୍କର ସାଙ୍ଗଠନିକ ଦକ୍ଷତା ଯୋଗୁଁ ରାଜ୍ୟରେ ଦଳର ତିନିଥର ସଭାପତି ଦାୟିତ୍ୱ ତୁଲାଇଥିଲେ ।

କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ୍ ଉପସ୍ଥିତ ରହି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କର ସ୍ମୃତିଚାରଣ କରିଥିଲେ ।

## ପିଏମ୍ଶ୍ରୀ ଉତ୍ସବ

**ପୁରୀ** ଜିଲ୍ଲା ନିମାପଡା ବାରବାଟୀ ପଡିଆଠାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦ୍‌ଘାଟନ କରି କହିଛନ୍ତି, ପିଏମ୍‌ଶ୍ରୀ ଯୋଜନା ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବା ସହିତ ଆଧୁନିକତାର ସ୍ୱପ୍ନ ଦେଖିବାରେ ସହାୟକ ହେବ। ଜିଲ୍ଲାର ମନୋନୀତ ହୋଇଥିବା ୨୭ଟି ପିଏମ୍‌ଶ୍ରୀ ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଛନ୍ତି। ପ୍ରଦର୍ଶନୀରେ ପାରମ୍ପରିକ ଖାଦ୍ୟ, ବିଜ୍ଞାନ ପ୍ରକଳ୍ପ ସହିତ ସାହିତ୍ୟ ସୃଜନୀ ପତ୍ରିକା ଆଦି ପ୍ରଦର୍ଶିତ ହେଉଛି।

Desk

## ନକଲୀ ୱେବ୍‌ସାଇଟ୍ ଯାଞ୍ଚ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, **www.ceoodisha.com** ନାମକ ଏକ ୱେବ୍‌ସାଇଟ୍ ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ସୃଷ୍ଟି କରାଯାଇଛି। ୱେବ୍‌ସାଇଟ୍‌ଟି ନକଲୀ ଏବଂ ଏହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଧିକାରିକ ୱେବ୍‌ସାଇଟ୍ **ceoodisha.nic.in** କୁ ବେଆଇନ୍ ଭାବେ ଅନୁକରଣ କରୁଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି ଏହି ନକଲୀ ୱେବ୍‌ସାଇଟ୍ ଆଧିକାରିକ ପ୍ଲାଟଫର୍ମକୁ ନକଲ କରି ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତିକର ଏବଂ ଭୁଲ ସୂଚନା ପ୍ରଦାନ କରୁଛି। ସାଧାରଣ ଜନତା, ଗଣମାଧ୍ୟମ ପ୍ରତିନିଧି ଏବଂ ସମସ୍ତ ସମ୍ପୃକ୍ତ ପକ୍ଷମାନଙ୍କୁ ଅନ୍ୟ କୌଣସି ୱେବ୍‌ସାଇଟ୍ ଉପରେ ବିଶ୍ୱାସ ନ କରିବାକୁ ସୂଚନା ଦିଆଯାଇଛି।

## କ୍ଷୟକ୍ଷତି ସମୀକ୍ଷା

ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଓ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୟୂରଭଞ୍ଜରେ ହୋଇଥିବା ଘୂର୍ଣ୍ଣିବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ରିଲିଫ୍ କେନ୍ଦ୍ରଗୁଡ଼ିକର ସୁପରିଚାଳନା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଭାବିତ ୯ଟି ଗାଁ ପାଇଁ ୯ ଜଣ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀଜଗନ୍ନାଥ ଦର୍ଶନ

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆଜି **ଗଞ୍ଜାମ** ଜିଲ୍ଲାରୁ  ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୦୦ ଜଣ ଶ୍ରଦ୍ଧାଳୁ ୧୦ଟି ବସ୍‌ରେ ଛତ୍ରପୁରରୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲାପାଳ ଭି. କିର୍ତ୍ତିଭାସନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏସ୍‌କର୍ଟ ଅଫିସର ଏବଂ ପାରାମେଡିକାଲ ଷ୍ଟାଫ୍ ସାଥିରେ ଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଶ୍ରୀଜଗନ୍ନାଥ ଦର୍ଶନ

**ମାଲକାନଗିରି** ଜିଲ୍ଲାର ସାତୋଟି ବ୍ଲକ୍‌ରୁ ୭୪ ଜଣ ତୀର୍ଥଯାତ୍ରୀ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲାର ସ୍ଥାନୀୟ ସଂସ୍କୃତିଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିଲା।

## ପ୍ରଶିକ୍ଷଣ ଶିବିର

**ଦେବଗଡ଼** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ବହୁଳ ଭାବରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ବାରୁଣୀ ସ୍ନାନ

ପବିତ୍ର ମହାବାରୁଣୀ ସ୍ନାନ ଅବସରରେ **ନୟାଗଡ଼** ଜିଲ୍ଲା ଭା-ପୁର ବ୍ଲକ ପଦ୍ମାବତୀ ଗ୍ରାମ ନିକଟରେ ପ୍ରବାହିତ ମହାନଦୀ ଘାଟରେ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପାରମ୍ପରିକ ପ୍ରଥା ଅନୁଯାୟୀ ସୁସଜ୍ଜିତ ବିମାନରେ ମହାଦେବଙ୍କ ବିଜେ ପ୍ରତିମାମାନଙ୍କୁ ବଡ଼ ଧରଣର ପଟୁଆରରେ ମହାନଦୀ ଘାଟକୁ ନିଆଯିବା ପରେ ସେଠାରେ ଶ୍ରୀଜୀଉମାନେ ସ୍ନାନ କରିଥିଲେ ।

## କର୍ମଶାଳା

**ଭଦ୍ରକ** ଜିଲ୍ଲା ସଂସ୍କୃତିଭବନଠାରେ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ୍ ୨୦୦୫ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ସମସ୍ତ ବର୍ଗର ନାଗରିକଙ୍କୁ ସୂଚନା ଅଧିକାର ଆଇନ୍‌ର ସଠିକ୍ ତଥ୍ୟ ପ୍ରଦାନ କରିବା ଏବଂ ନିରପେକ୍ଷ ଭାବେ କାର୍ଯ୍ୟ କରିବା ସଂକ୍ରାନ୍ତରେ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ।

## କ୍ଷତିପୂରଣ

**ନବରଙ୍ଗପୁର**-ଜୟପୁର ରେଳପଥ ପ୍ରକଳ୍ପ ପାଇଁ ହୋଇଥିବା ଭୂମି ଅଧିଗ୍ରହଣ ବାବଦରେ କ୍ଷତିପୂରଣ ରାଶି ଆଜି ପ୍ରଦାନ କରାଯାଇଛି । ମୋଟ୍

୮ ଜଣ ହିତାଧିକାରୀଙ୍କୁ ୨୪ କୋଟି ୫୭ ଲକ୍ଷ ୬୮ ହଜାର ୮୧୩ ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହି ନୂତନ ପ୍ରକଳ୍ପ ଦ୍ୱାରା ନବରଙ୍ଗପୁର-ଜୁନାଗଡ଼, ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି, ମାଲକାନଗିରି-ଭଦ୍ରାଚଳମ୍ ରେଳପଥ ପାଇଁ ପଥ ଉନ୍ମୁକ୍ତ ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ ବଳଭଦ୍ର ମାଝୀ କହିଛନ୍ତି।

## ଆର୍ଥିକ ସହାୟତା

**କେନ୍ଦ୍ରାପଡା** ଜିଲ୍ଲା ପଟ୍ଟାମୁଣ୍ଡାଇଠାରେ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍ଥିକ ସାକ୍ଷରତାର ଆବଶ୍ୟକତା, ବ୍ୟାଙ୍କ ଖାତାର ପୁନଃ କେଓ୍ୱାଇସି ଏବଂ ଦାବିହୀନ ଜମାରାଶିକୁ ପୁନଃ ପ୍ରାପ୍ତ କରିବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା।

## ପ୍ରସ୍ତୁତି ବୈଠକ

ଆସନ୍ତା ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ୨୦୨୬ ପାଳନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଅଧ୍ୟକ୍ଷତା କରି ଦିବସକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ଉପରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗାନ୍ଧି ସ୍ମୃତି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା

ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲ୍ୟବିବାହ ନିଷେଧ, ମହିଳାମାନଙ୍କ ସୁରକ୍ଷା ଏବଂ ଅଧିକାର, ମହିଳା ସହାୟତା ନମ୍ବର-୧୦୯୮ ଆଦି ସମ୍ପର୍କରେ ସଚେତନ କରାଯାଇଛି।

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ହୋଇଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର ସମେତ ୯ଟି ଜିଲ୍ଲାରେ କୁଆପଥର ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।